# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
## କପା ଚାଷ ପାଇଁ VI(ଷଷ୍ଠ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ଜୁଲାଇ | | | | | ଜୁଲାଇ | | | | |
| | | 09 | 10 | 11 | 12 | 13 | 15 | 16 | 17 | 18 | 19 |
|  | କୋରାପୁଟ | 0.4 | 1.5 | 0 | 0 | 0 | 3 | 3 | 9.4 | 14.6 | 7.3 |
| | କଳାହାଣ୍ଡି | 0 | 0.6 | 6.8 | 0 | 0 | 3.5 | 14 | 23 | 30.6 | 14.9 |
| | ବଲାଙ୍ଗିର | | | | | | 6 | 15 | 29 | 25.6 | 17.7 |
| ବର୍ଷ ପରମାଣ ଓ ରଙ୍ଗ ସଂକେତ | | ୦.୧ରୁ ୨.୪ ମିମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ର୍ଷା ପ୍ରକାର | | ଅତ ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତ ପ୍ରବଳ ବର୍ଷା | |

**କପା ଫସଲ ଅବସ୍ଥା:**

ଓଡ଼ିଶାରେ କପା ଫସଲ ୧୫-୧୯ ଦିନ ଅବସ୍ଥାରେ ଅଛି।ଜମି ପ୍ରସ୍ତୁତି, ସାର ଓ ଖତ ପ୍ରୟୋଗ, କପା ବିହନ ବୁଣିବା, ସବୁଜ ଖତ ଫସଲ, ଅନ୍ତ ଫସଲ ଆଦି ଲଗା ହେବ ସହିତ ଘାସମରା ଅଉଷସଧ ପ୍ରୟୋଗ ଓ ଖୁଞ୍ଚା ଦେବା କାମ ଚାଲିଛି। ପ୍ରାୟ ସମସ୍ତ ପ୍ରକାର ଘାସ ଯଥା ବଡ ପତ୍ର, ସରୁ ପତ୍ର ଓ ମୁଥା ଜାତୀୟ ଘାସ ଉଠିଛି କିନ୍ତୁ ଘାସମରା ଔଷଧ ପ୍ରୟୋଗ କରାଯାଇଥିବାରୁ ନିୟନ୍ତ୍ରଣରେ ଅଛି। ରୋଗ କିମ୍ବା ପୋକ ଆକ୍ରମଣର ସୂଚନା ନାହିଁ।

**ମୃତ୍ତିକାର ସ୍ଵାସ୍ଥ, ଖାଦ୍ୟସାର, ରୋଗ ଓ ପୋକ ପରିଚାଳନା ଉପରେ ସାଧାରଣ ପରାମର୍ଶ**

କପା ଫସଲରୁ ଅଧିକ ଅମଳ ପାଇବା ପାଇଁ ସମତୁଲ ଖାଦ୍ୟସାର ଓ ସମନ୍ଵିତ ରୋଗ ପୋକ ପରିଚାଳନା କରିବା ନିହାତି ଦରକାର।
ଏହାଦ୍ଵାରା କପା ଗଛର ଭଲ ବୃଦ୍ଧି ହେବ ସହିତ ଖରଚ କମ ହୋଇଥାଏ ଏବଂ ରୋଗ ଓ ପୋକ ଦାଉରୁ ଫସଲକୁ ରକ୍ଷା କରାଯାଇଥାଏ ।

**ମୃତ୍ତିକର ସ୍ଵାସ୍ଥ ଓ ଖାଦ୍ୟସାର ପରିଚାଳନା**

**ମୁଖ୍ୟ ଖାଦ୍ୟସାରର ସଠିକ ପରିଚାଳନା :** କିଛି ବର୍ଷ ଅନ୍ତରରେ ଫସଲ ପରିବର୍ତନ କରିବା, ଅଧିକ ମାତ୍ରାରେ ଜୈବିକ ପଦାର୍ଥର ବ୍ୟବହାର କରିବା ଓ ବୁଣିବା ଆଗରୁ ମାଟି ପରୀକ୍ଷା କରି ସଠିକ ପରିମାଣର ରାସାୟନିକ ସାରା ବ୍ୟବହାର କରିବା

**ଆନୁସାରର ବ୍ୟବହାର:** ଜିଙ୍କ, ବୋରନ୍, ମାଙ୍ଗାନିଜ ଓ ମ୍ୟାଗନେଶିୟମ ଭଳି ଗୌଣ ଓ ଅନୁସାରର ଅଭାବ ଦୂର କରିବା ପାଇଁ ସଠିକ ମାତ୍ର ଓ ସମୟରେ ପତ୍ର ସିଂଚନ କରିବା ଉଚିତ

**ସମନ୍ଵିତ ରୋଗ ପରିଚାଳନା**

**ପ୍ରତିଷେଧକ ବ୍ୟବସ୍ଥା ଆପଣେଇବା :**
ଉଭୟ ଚେର ଓ ପତ୍ରକୁ ଆକ୍ରମଣ କରୁଥିବା ଜୀବାଣୁ ମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଜମିକୁ ଭଲ ଭାବରେ ପ୍ରସ୍ତୁତ କରିବା ଓ ସଫା ରଖିବା, ଅଧିକ ପରିମାଣରେ ଜୈବିକ କୀଟ ଓ ଫିମପିନାଶକ ଏବଂ ଯିବାନୁସାର ପ୍ରୟୋଗ କରିବା ଦରକାର ।

**ଗଛରେ ଲାଗୁଥିବା ରୋଗ ନିୟନ୍ତ୍ରଣ :**
ବାୟୁମଣ୍ଡଳରେ ଅଧିକ ଆଦ୍ରତା ଥିବା ସମୟରେ ଅଧିକ ରୋଗ ସଂକ୍ରମଣ ହେବାର ଆଶଙ୍କା ଥିବାରୁ ପ୍ରତିଦିନ କ୍ଷେତ୍ର ପରିଦର୍ଶନ କରିବା ଉଚିତ। କୌଣସି ରୋଗ ଅତି ମାତ୍ରାରେ ଫସଲକୁ କ୍ଷତି କରିବାର ଆଶଙ୍କା ଥିଲେ ସଠିକ ଔଷଧକୁ ସଠିକ ମାତ୍ରାରେ ପ୍ରୟୋଗ କରିବା ଉଚିତ।

**ସମନ୍ଵିତ ପୋକ ପରିଚାଳନା**

**ନିୟମିତ କ୍ଷେତ୍ର ପରିଦର୍ଶନ କରିବା:**

**ଫସଲର ବୃଦ୍ଧି ସମୟରେ ନିୟମିତ କ୍ଷେତ୍ର ପରିଦର୍ଶନ କରିବା ଦ୍ଵାରା ଏହିରେ ଲାଗୁଥିବା ଲକଡ ପୋକ, ପତ୍ରାଦିଆଁ ପୋକ, ପତ୍ର ଉକୁଣି, ଧଳା ମାଛି ଭଳି ଶୋଷକ ପୋକ ଓ ବକରବିନ୍ଧା ପୋକର ଆକ୍ରମଣ ବିଷୟରେ ଜାଣି ପାରିବ ସହିତ ଉଚିତ ନିୟନ୍ତ୍ରଣ ବ୍ୟବସ୍ଥା କରି ହେବ**

**ସଙ୍ଗ ଆକର୍ଷକ ଜନ୍ତା ଓ ଜୈବ କୀଟନାଶକର ବ୍ୟବହାର :**
ଫସଲର ପ୍ରାଥମିକ ଅବସ୍ଥାରେ ସଙ୍ଗ ଆକର୍ଷ ଜନ୍ତା ବସାଇବା ଦ୍ଵାରା ପୋକ ମାନଙ୍କର ଗତିବିଧି ଓ ଅଣ୍ଡା ଦେବା ବିଷୟରେ ସୂଚନା ମିଳି ପାରିବ। ପୋକ ନିୟନ୍ତ୍ରଣ ପାଇଁ ପ୍ରଥମରୁ ରାସାୟନିକ କୀଟନାଶକ ବ୍ୟବହାର ନ କରି ଜୈବ କୀଟନାଶକ ତଥା ନିମ୍ବ ଔଷଧ ବ୍ୟବହାର କରିବା ଉଚିତ ।

**ଉପକାରୀ କୀଟ ଗୁଡିକର ସଂରକ୍ଷଣ:**
ଉପକାରୀ କୀଟ ଗୁଡିକର ସଂରକ୍ଷଣ କରିବା ଦ୍ୱାରା ଅପକାରୀ କୀଟ ମାନଙ୍କୁ ନିୟନ୍ତ୍ରଣ କରାଯାଇ ପାରିବ, ସେଥିପାଇଁ ପ୍ରଥମରୁ କୌଣସି ରାସାୟନିକ କୀଟନାଶକ ବ୍ୟବହାର କରିବା ଅନୁଚିତ।

**ରାସାୟନିକ କୀଟନାଶକର କ୍ରମ ବ୍ୟବହାର:**
ପୋକର ପ୍ରକାରଭେଦ ଓ ଆର୍ଥିକ ଦହେଳି ସୀମା ଅନୁସାରେ ଅନୁମୋଦିତ ରାସାୟନିକ କୀଟନାଶକ ବ୍ୟବହାର କରାଯିବ ଉଚିତ।

**ସ୍ଥାନୀୟ ପରାମର୍ଶ:**

କପା ଗଛ ୭ ଦିନର ହେବ ପରେ ଗଜା ହେଇ ନ ଥିବା ଜାଗାରେ ଖୁଞ୍ଚା ଦେଇ ସଠିକ ଗଛ ସଙ୍ଖ୍ୟା ବଜାୟ ରଖନ୍ତୁ। କୋଡା ଖୋସା କରି ଘାସ ବାଛି ଦିଅନ୍ତୁ। ଦ୍ୱିତୀୟ ଦଫା ସାର ହିସାବରେ ୨୫-୩୦ ଦିନ ପରେ ୫୦% ଯାବକ୍ଷାରଜନ ଓ ୫୦% ପୋଟାସ ସାର ପ୍ରୟୋଗ କରନ୍ତୁ। ଜମିରୁ ଅଧିକ ବର୍ଷା ପାଣି ନିଷ୍କାସନ ପାଇଁ ନାଳୀର ବ୍ୟବସ୍ଥା କରନ୍ତୁ। ଜମିର ପାଗ ଓଦା ଥିଲେ ଓ କୋଡା ଖୋସା କରି ଘାସ ବାଛି ନ ପାରିଲେ ୨୦-୨୫ ଦିନ ବେଳକୁ ୧ ଲିଟର ପାଣିରେ ୨ ମିଲି କ୍ୱିଜାଲୋଫପ ଇଥାଇଲ ୫% ଇସି ( ସରୁ ପତ୍ର ଘାସ ପାଇଁ) ସହିତ ୧.୫ ମିଲି ପାଇରିଥାଅବକ ସୋଡିୟମ ୧୦% ଇସି (ବଡ ପତ୍ର ଘାସ ପାଇଁ) ଘାସମରା ଔଷଧ ସିଂଚନ କରନ୍ତୁ। ରୋଗ ଓ ପୋକ ଆକ୍ରମଣର ଅବସ୍ଥା ଜାଣିବା ପାଇଁ ନିୟମିତ ଭାବରେ ଫସଲ ସବେକ୍ଷଣ କରନ୍ତୁ। ସୋଶୋକ ପୋକ ଯଥା ଜଉ ପୋକ ନ ଲାଗିବା ପାଇଁ ୧୦ ଲିଟର ପାଣିରେ ୩୦ ମିଲି ନିମ୍ବ ଔଷଧ(୧୫୦୦ PPM) ସିଂଚନ କରନ୍ତୁ। ପଛରେ ଲଗା ଯାଇ ଥିବା ଫସଲରେ ଘାସ ନିୟନ୍ତ୍ରଣ ପାଇଁ ଲଗାଇବାର ୧-୨ ଦିନ ପରେ ୧.୩୩ ଲିଟର ପେଣ୍ଡିମେଥଲୀନ ୩୦ % ଇସି ଅଉଷଧକୁ ୨୦୦ ଲିଟର ପାଣିରେ ମିଶାଇ ଜମିରେ ପ୍ରୟୋଗ କରନ୍ତୁ।

**ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନ ଆପ (CICR Cotton App ଯାହାକି ଆଇସିଏଆର-ସିଆଇସିଆର, ନାଗପୁର ଦ୍ୱାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ । ଗୁଗଲ ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ ।ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ (https://cicr.org.in/resource-weekly-advisory) ରେ ଅପଲୋଡ କରା ଯାଉଛି, ଯାହାସବୁ ଚାଷୀ ମାନଙ୍କ ଉପକାର ପାଇଁ ମଧ୍ୟ ମିଳି ପାରିବ ।**